# NATIONAL NEWS BULLETIN (ODIA)

## 29 April - 2024

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ମଇ ୭ରେ ଅନୁଷ୍ଠିତ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜୋର୍‌ଦାର୍ ।
- ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।

– ରାଜ୍ୟର ଦୁଇଟି ଲୋକସଭା ଓ ୮ଟି ବିଧାନସଭା ଆସନ ଲାଗି କଂଗ୍ରେସ ଘୋଷଣା କଲା ପ୍ରାର୍ଥୀଙ୍କ ନାମ ।

- ସାମରିକ ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନ୍‌ଙ୍କ ଫ୍ରାନ୍ସ ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।
- ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ୯ଟା ୩୦ ମିନିଟ୍‌ରେ **ସର୍ବାଇକାଲ୍ କ୍ୟାନ୍‌ସରର ଲକ୍ଷଣ ଓ ଚିକିତ୍ସା** ଉପରେ ଆଲୋଚନା କରାଯିବ ।

ଏବଂ

- ଆଇପିଏଲ୍‌ରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍’ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ୭୮ରନ୍‌ରେ ପରାସ୍ତ କରିଛି ।

– ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲକାତା ନାଇଟ୍‌ରାଇଡର୍ସ ମଧ୍ୟରେ ହେବ ମୁକାବିଲା ।

## କ୍ୟାମ୍ପେନିଂ

ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟ ଜୋର୍‌ଦାର କରିଛନ୍ତି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଏହି ଅବସରରେ କର୍ଣ୍ଣାଟକର ଶୀର୍ଷି, ଦାଭାଙ୍ଗେରେ, ବାଲାରୀ ଏବଂ ବେଲାଗାଭି ଠାରେ ଆୟୋଜିତ ନିର୍ବାଚନୀ ସଭାଗୁଡ଼ିକୁ ସମ୍ବୋଦ୍ଧିତ କରିଛନ୍ତି । ବିଜେପି ସରକାର ପୁଣିଥରେ କେନ୍ଦ୍ରରେ କ୍ଷମତାସିନ ହେଲେ ଭାରତକୁ ଶକ୍ତିଶାଳୀ କରିବା ସହିତ ଦେଶର ସୁରକ୍ଷା ଏବଂ ବିକାଶକୁ ସୁନିଶ୍ଚିତ କରିବା ଦିଗରେ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ତାଙ୍କ ସରକାର କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ଚାଷୀମାନଙ୍କ ଆୟ ବୃଦ୍ଧି ଦିଗରେ ଅନେକ ସହାୟତା ପ୍ରଦାନ କରିଛନ୍ତି । ମତ୍ସ୍ୟଜୀବୀମାନଙ୍କୁ କିଶାନ୍ କ୍ରେଡିଟ୍ କାର୍ଡ ପ୍ରଦାନ କରିବା, ମତ୍ସ୍ୟସଂପଦ ଯୋଜନା କାର୍ଯ୍ୟକାରୀ କରିବା,

ସ୍ମାର୍ଟସିଟି, ନୂତନ ରେଳ ଷ୍ଟେସନ୍ ପ୍ରତିଷ୍ଠା ସହ ପୁରୁଣା ଷ୍ଟେସନ୍ ଗୁଡ଼ିକର ପୁନରୁଦ୍ଧାର କରିବା ଏବଂ ଜାତୀୟ ରାଜପଥ ସଂଖ୍ୟାକୁ ପ୍ରାୟ ଦ୍ୱିଗୁଣିତ କରିବା ଦିଗରେ ତାଙ୍କ ସରକାର ସଫଳତାର ସହ କାର୍ଯ୍ୟ କରିଛନ୍ତି । ତେଣୁ ମଇ ୭ ତାରିଖ ଦିନ ହେବାକୁ ଥିବା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ଯିତାଇବା ଲାଗି ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ଗୁଜରାଟର ଆନନ୍ଦ ଜିଲ୍ଲାରେ ଅନୁଷ୍ଠିତ ଏକ ନିର୍ବାଚନୀ ର୍ୟାଲିରେ ଯୋଗଦେଇ ବରିଷ୍ଠ ବିଜେପି ନେତା ରାଜନାଥ ସିଂହ କହିଛନ୍ତି, ଏନ୍.ଡି.ଏ. ସରକାରଙ୍କ ଅମଳରେ ଗତ ୧୦ ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ଭାରତର ବିଶ୍ୱସନୀୟତା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଯାତ୍ରାରେ କୌଣସି ବାହ୍ୟ ଶକ୍ତି ବାଧା ସୃଷ୍ଟି କରିପାରିବ ନାହିଁ ବୋଲି ଶ୍ରୀ ସିଂହ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଉତ୍ତରପ୍ରଦେଶର ମୈନ୍‌ପୁରୀ, କାସଗାଞ୍ଜ ଓ ଇଟାଓ୍ୱା ଠାରେ ଅନୁଷ୍ଠିତ ପୃଥକ ପୃଥକ ନିର୍ବାଚନୀ ର୍ୟାଲିରେ ବିଜେପିର ବିରଷ୍ଠ ନେତା ଅମିତ ଶାହା  ଉଦ୍‌ବୋଧନ ଦେଇଛନ୍ତି । ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କ ଲାଗି ଥିବା ସଂରକ୍ଷଣ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଲାଗି କାହାକୁ ବି ଅନୁମତି ଦିଆଯିବ ନାହିଁ ବୋଲି ଶ୍ରୀ ଶାହା ତାଙ୍କ ଦଳର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ।

ଅହମ୍ମଦାବାଦ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ଅଭିଶେକ ମନୁ ସିଙ୍ଘଭି ଶାସକ ବିଜେପି ଗଣତନ୍ତ୍ର ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା ସହିତ ଅର୍ଥ, ସରକାରୀ କଳ ଏବଂ ବାହୁବଳର ଦୁରୁପଯୋଗ କରୁଛି ବୋଲି ଅଭିଯୋଗ କରିଛନ୍ତି ।

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଉତ୍ତରପ୍ରଦେଶ ସମ୍ବଲ ଓ ବରେଲି ଠାରେ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ବିଭିନ୍ନ ପ୍ରସଙ୍ଗରେ ସେ ବିଜେପିକୁ ସମାଲୋଚନା କରିବା ସହିତ ଗତ ଦୁଇଟି ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶବାସୀ ଏହାର ଉଚିତ୍ ଜବାବ ଦେଇସାରିଛନ୍ତି ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ସେହିଭଳି ବି.ଏସ୍.ପି.ର ନିର୍ବାଚନ ସଂଯୋଜକ ଆକାଶ ଆନନ୍ଦ ଉତ୍ତରପ୍ରଦେଶ ସୀତାପୁର ଜିଲ୍ଲାରେ ଏକ ରାଜନୈତିକ ର୍‍ୟାଲିରେ ଗତକାଲି ଉଦ୍‌ବୋଧନ ଦେଇଛନ୍ତି । ଯୋଗୀ ଆଦିତ୍ୟନାଥଙ୍କ ସରକାର ଅମଳରେ ରାଜ୍ୟରେ ଜନସାଧାରଣ ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତିର ଲୋକେ ସୁରକ୍ଷିତ ନୁହନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

# ଥାର୍ଡଫେଜ୍

ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏହି

ପର୍ଯ୍ୟାୟରେ ମୋଟ୍ ୬ଟି ଲୋକସଭା ଓ ୪୨ଟି ବିଧାନସଭା ଆସନ ଲାଗି ମଇ ୨୫ ତାରିଖରେ ଭୋଟ ଗ୍ରହଣ କରାଯିବ । ନାମାଙ୍କନ ପ୍ରକ୍ରିୟା ମଇ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ୭ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ମଇ ୯ ତାରିଖକୁ ଧାର୍ଯ୍ୟ କରାଯାଇଛି । ଏହି ପର୍ଯ୍ୟାୟରେ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଓ ଭୁବନେଶ୍ୱର ଲୋକସଭା ଆସନ ଏବଂ ଏହି ଆସନ ପରିସରରେ ଆସୁଥିବା ବିଧାନସଭା ଆସନଗୁଡ଼ିକ ପାଇଁ ଭୋଟଗ୍ରହଣ କରାଯିବ । ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଏହି ୬ଟି ଲୋକସଭା କ୍ଷେତ୍ର ଅଧୀନରେ ଥିବା ୯୪ ଲକ୍ଷ ୪୧ ହଜାର ୭୯୭ ମତଦାତା ମୋଟ୍ ୧୦ ହଜାର ୫୧୫ଟି ବୁଥ୍‌ରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

## ପ୍ରାର୍ଥୀ ଘୋଷଣା

କଂଗ୍ରେସ ପକ୍ଷରୁ ଓଡ଼ିଶାର ଦୁଇଟି ଲୋକସଭା ଏବଂ ୮ଟି ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇଛି । କଟକ ଲୋକସଭା ଆସନ ଲାଗି ସୁରେଶ ମହାପାତ୍ରଙ୍କୁ ଦଳ ପ୍ରାର୍ଥୀ କରିଛି । ତେବେ ସମ୍ବଲପୁର ଲୋକସଭା ଆସନ ଲାଗି ପ୍ରାର୍ଥୀ ବଦଳ କରାଯାଇଛି । ପୂର୍ବରୁ ସେଠାରେ କଂଗ୍ରେସ ଲୋକସଭା ପ୍ରାର୍ଥୀ ଭାବେ ଦୁଲାଲ ଚନ୍ଦ୍ର ପ୍ରଧାନ

ନିର୍ବାଚନ ଲଢ଼ିବେ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଏହାକୁ ବଦଳା ଯାଇ ନଗେନ୍ଦ୍ର ପ୍ରଧାନଙ୍କୁ ନୂତନ ପ୍ରାର୍ଥୀ ଭାବେ ଚୟନ କରାଯାଇଛି ।

ସେହିଭଳି ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରେ କଟକ ବାରବାଟିରୁ ସୋଫିୟା ଫିର୍‌ଦୋସ୍‌ଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ବାରିପଦା ଆସନରେ ପ୍ରମୋଦ କୁମାର ହେମ୍ବ୍ରମ୍, ଜଳେଶ୍ୱର ଲାକ ଦେବୀ ପ୍ରସନ୍ନ ଚାନ୍ଦ ଓ ବାଲେଶ୍ୱର ଲାଗି ମୋନାଲିସା ଲେଙ୍କାଙ୍କୁ ଚୟନ କରାଯାଇଛି । ସେହିଭଳି ଅଜୟ ସାମଲ ବଡ଼ଚଣା ପାଇଁ, ଫକୀର ସାମଲ ପାଲଲହଡ଼ା ଲାଗି ଏବଂ ପ୍ରତିମା ମଲ୍ଲିକ ଜଗତସିଂହପୁର ବିଧାନସଭା ଆସନରେ ନିର୍ବାଚନ ଲଢ଼ିବାକୁ କଂଗ୍ରେସ ପକ୍ଷରୁ ଟିକେଟ୍ ଦିଆଯାଇଛି ।

ଅନ୍ୟ ପକ୍ଷରେ ଖଣ୍ଡପଡ଼ା ଆସନରେ ପୂର୍ବ ଘୋଷିତ ପ୍ରାର୍ଥୀ ମନୋଜ କୁମାର ପ୍ରଧାନଙ୍କୁ ବଦଳାଇ ଦଳ ବୈଜନ୍ତୀମାଳା ମହାନ୍ତିଙ୍କୁ ନୂତନ ପ୍ରାର୍ଥୀ ଭାବେ ଚୟନ କରିଛି ।

## ସିଡିଏସ୍ ଜେନେରାଲ୍-ଫ୍ରାନ୍ସ

ସାମରିକ ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନ୍‌ଙ୍କ ଫ୍ରାନ୍ସ ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏ ସଂପର୍କରେ ପ୍ରତୀରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତ ଓ ଫ୍ରାନ୍ସ ମଧ୍ୟରେ ବହୁ ଦିନରୁ ଥିବା ରଣନୈତିକ

ଭାଗିଦାରୀକୁ ଅଧିକ ସଶକ୍ତ କରିବା ସହିତ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଜେନେରାଲ୍ ଚୌହାନ୍ ଏହି ଗସ୍ତ ଅବସରରେ ତାଙ୍କର ଫ୍ରାନ୍ସ ପ୍ରତିପକ୍ଷ ଏବଂ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହିତ ବିଭିନ୍ନ ଆପୋଷ ସ୍ୱାର୍ଥ ତଥା ସୁରକ୍ଷା ଜନିତ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

## ନିର୍ବାଚନ ଆୟୋଗ

ନିର୍ବାଚନ ଆୟୋଗ ଆସନ୍ତାକାଲି ଆଉଟର ମଣିପୁର ସଂସଦୀୟ କ୍ଷେତ୍ରର ୬ଟି ବୁଥ୍‌ରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ସେଠାରେ ପୁନଃ ମତଗ୍ରହଣ କରାଯିବ । ଗତ ୨୬ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ବେଳେ ସେହି ବୁଥ୍ ଗୁଡ଼ିକରେ ଗଣ୍ଡଗୋଳ ହେବା ଯୋଗୁଁ ଭୋଟଗ୍ରହଣକୁ ଆୟୋଗ ଅବୈଧ ଘୋଷଣା କରିଛନ୍ତି । ଏହି ବୁଥ୍ ଗୁଡ଼ିକ ମଧ୍ୟରେ ଉଖରୁଲ୍ ଜିଲ୍ଲାର ୫ଟି ବୁଥ୍ ଏବଂ ସେନାପତି ଜିଲ୍ଲାର ଗୋଟିଏ ବୁଥ୍ ଅନ୍ତର୍ଭୁକ୍ତ ।

## ମିନିଷ୍ଟ୍ରି-ମାଇନ୍ସ

ଉପକାରିତା ଏବଂ ପ୍ରକ୍ରିୟାକରଣ କ୍ଷମତା ବୃଦ୍ଧି ଲକ୍ଷ୍ୟରେ ଖଣି ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀଠାରେ ଖଣିଜ ପଦାର୍ଥ ସମ୍ମିଳନୀ

ଆୟୋଜନ କରାଯାଇଛି । ଏହି ଦୁଇ ଦିନିଆ ଶିଖର ସମ୍ମିଳନୀରେ ଉପକାରିତା ଏବଂ ପ୍ରକ୍ରିୟାକରଣ କ୍ଷେତ୍ରରେ ସହଯୋଗ, ଜ୍ଞାନ ଆଦାନ ପ୍ରଦାନ ଏବଂ ଅଭିନବତାକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନା କରାଯିବ । ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଏବଂ  ସ୍ୱଚ୍ଛ ଶକ୍ତି ଲକ୍ଷ୍ୟକୁ ହାସଲ କରିବା ଲାଗି ଏହି ଶିଖର ସମ୍ମିଳନୀର ଆୟୋଜନ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲର ଘରୋଇ ଯୋଗାଣକୁ ସୁରକ୍ଷିତ କରିବାର ଜରୁରୀ ଆବଶ୍ୟକତା ଉପରେ ମଧ୍ୟ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ ବିଭିନ୍ନ ଶିଳ୍ପ ସଂସ୍ଥାର ମୁଖ୍ୟ, ଷ୍ଟାର୍ଟଅପ୍ ସଂସ୍ଥାର ପ୍ରତିନିଧି, ସରକାରୀ ଅଧିକାରୀ, ବୈଜ୍ଞାନିକ, ଶିକ୍ଷାବିତ୍ ଏବଂ ଦେଶ ବିଦେଶର ବହୁ ନୀତି ବିଶେଷଜ୍ଞ ଯୋଗ ଦେବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ୯ଟା ୩୦ ମିନିଟ୍‌ରେ ପ୍ରସାରଣ କରାଯିବ । ଆଜି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି **ସର୍ବାଇକାଲ୍ କ୍ୟାନ୍‌ସରର ଲକ୍ଷଣ ଓ ଚିକିତ୍ସା ।** ସବ୍‌ଦର୍‌ଜଙ୍ଗ୍ ହସ୍ପିଟାଲ୍‌ର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସରିତା ଶ୍ୟାମସୁନ୍ଦର ଏବଂ ନୂଆଦିଲ୍ଲୀ ଏମସ୍‌ର କ୍ୟାନସର ବିଶେଷଜ୍ଞ ଡାକ୍ତର ରାକେଶ ଗର୍ଗ ଏହି ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାମାନଙ୍କର ଏ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । କାର୍ଯ୍ୟକ୍ରମ ସମୟରେ

ଶ୍ରୋତାମାନେ 011-23717106 ଓ 011-23314444 ନମ୍ବରକୁ ଡାଏଲ୍ କରି ନିଜ ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ  9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ମଧ୍ୟ ପ୍ରଶ୍ନ ପଚରା ଯାଇପାରିବ । ଏହା ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଓ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ମଧ୍ୟ ଏହା ଉପଲବ୍ଧ ହେବ ।

# ଆଇପିଏଲ୍

ଆଇପିଏଲ୍‌ରେ ଗତକାଲି ରାତିରେ ଚେନ୍ନାଇ ଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍’ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ୭୮ରନ୍‌ରେ ପରାସ୍ତ କରିଛି । ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଚେନ୍ନାଇ ସୁପରକିଙ୍ଗସ୍ ପ୍ରଥମେ ବାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ହରାଇ ୨୧୨ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧୀନାୟକ ଋତୁରାଜ ଗାୟକ୍‌ୱାଡ୍ ୫୪ଟି ବଲ୍‌ରୁ ସର୍ବାଧିକ ୯୮ରନ୍ କରିଥିଲେ । ସେହିଭଳି ଡାରେଲ୍ ମିଚେଲ୍ ୩୨ଟି ବଲ୍‌ରୁ ୫୨ରନ୍ କରିଥିଲେ । ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ଭୁବନେଶ୍ୱର କୁମାର, ଟି. ନଟ୍‌ରାଜନ୍ ଓ ଜୟଦେବ ଉନଦ୍‌କଟ୍ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି ।

୨୧୩ରନ୍ ବିଜୟଲକ୍ଷ୍ୟର ପିଛା କରି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୧୮ ଓଭର୍ ଓ ୫ଟି ବଲ୍‌ରେ ୧୩୪ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଆଡେନ୍ ମାକ୍ରମ୍ ସର୍ବାଧିକ ୩୨ରନ୍ କରିଥିଲେ । ଚେନ୍ନାଇ ସୁପରକିଙ୍ଗସ୍ ପକ୍ଷରୁ ତୁଷାର ଦେଶପାଣ୍ଡେ ସର୍ବାଧିକ ୪ଟି ଓ୍ୱିକେଟ୍ ନେଇଥିବା ବେଳେ ମୁସ୍ତାଫିଜୁର୍ ରହମାନ୍ ଏବଂ ମାଥିସା ପଥିରାନା ୨ଟି ଲେଖାଏଁ ଓ୍ୱିକେଟ୍ ନେଇଛନ୍ତି । ଏହାଛଡ଼ା ରବିନ୍ଦ୍ର ଜାଡ଼େଜା ଓ ସାର୍ଦ୍ଦୁଲ ଠାକୁର ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଛନ୍ତି ।

ଆଇପିଏଲ୍‌ର ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ’ ଗୁଜରାଟ ଟାଇଟନ୍ସକୁ ୯ ଓ୍ୱିକେଟ୍‌ରେ ପରାସ୍ତ କରିଛି ।

ଆଇପିଏଲ୍‌ରେ ଆଜି କୋଲକାତାର ଇଡେନ୍‌ଗାର୍ଡେନ୍‌ରେ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲକାତା ନାଇଟ୍‌ରାଇଡର୍ସ ମଧ୍ୟରେ ମୁକାବିଲା ହେବ ।